# NATIONAL NEWS BULLETIN (ODIA)
## 16th October - 2025
## Morning Bulletin : 7.15 a.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆଜି ଆନ୍ଧ୍ରପ୍ରଦେଶରେ ୧୩ ହଜାର ୪୩୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କରିବେ ଉଦ୍‌ଘାଟନ୍ ଓ ଶିଳାନ୍ୟାସ ।

- ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ଲାଗି ଗୁଜରାଟ୍‌ର ଅହମ୍ମଦାବାଦ ସହର ନାମକୁ ଆନ୍ତର୍ଜାତିକ କାର୍ଯ୍ୟକାରିଣୀ ବୋର୍ଡ଼ର ଅନୁମୋଦନ ।

- ଦୁଇଦିନିଆ ସରକାରୀ ଗସ୍ତରେ ଆସି ଆଜି ଭାରତରେ ପହଞ୍ଚିବେ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ।

- ପଳାତକଙ୍କର ପ୍ରତ୍ୟର୍ପଣ ସମ୍ପର୍କିତ ଆହ୍ୱାନ ଏବଂ ରଣନୀତି ଉପରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ୩୦ତମ ସିନିୟର ମହିଳା ଜାତୀୟ ଫୁଟ୍‌ବଲ୍ ଚାମ୍ପିୟନ୍ ହେଲା ମଣିପୁର ।

## ପି.ଏମ୍. - ଆନ୍ଧ୍ରପ୍ରଦେଶ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଅପରାହ୍ଣରେ କୁର୍ଣ୍ଣୁଲ୍‌ଠାରେ ପ୍ରାୟ ୧୩ ହଜାର ୪୩୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ତଥା ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ବିଦ୍ୟୁତ୍ ପରିବହନ, ସଡ଼କ ଓ ରେଳ ଯୋଗାଯୋଗ, ପ୍ରତିରକ୍ଷା ଉତ୍ପାଦନ, ଶିଳ୍ପ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ସମେତ ବିଭିନ୍ନ ଶିଳ୍ପ କ୍ଷେତ୍ର ଅନ୍ତର୍ଭୁକ୍ତ । ଆନ୍ଧ୍ରପ୍ରଦେଶରେ ସାମାଜିକ ଆର୍ଥିକ ଅଭିବୃଦ୍ଧି ନେଇ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଅବସରରେ ଏକ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

ଏହି ଅବସରରେ ଶ୍ରୀ ମୋଦୀ ନନ୍ଦ୍ୟାଲ୍ ଜିଲ୍ଲାର ଶ୍ରୀଶୈଳମ ସ୍ଥିତ ଶ୍ରୀ ଭ୍ରମରାମ୍ବ ମଲ୍ଲିକାର୍ଜୁନ ସ୍ୱାମୀ ଭାରଲା ଦେବସ୍ଥାନରେ ପୂଜାର୍ଚ୍ଚନା କରିବାର

କାର୍ଯ୍ୟସୂଚୀ ରହିଛି । ସେଠାରେ ଶ୍ରୀ ଶିବାଜୀ ସ୍ମୃର୍ତ୍ତି କେନ୍ଦ୍ର ମଧ୍ୟ ପ୍ରଧାନମନ୍ତ୍ରୀ ପରିଦର୍ଶନ କରିବେ ।

## ଅହମ୍ମଦାବାଦ - କମନୱେଲ୍ଥ୍ ଗେମ୍ସ

୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ଲାଗି ଗୁଜରାଟ୍‌ର ଅହମ୍ମଦାବାଦ ସହର ନାମକୁ ଅନୁମୋଦନ କରାଯାଇଛି । ରାଜ୍ୟଗୋଷ୍ଠୀ କ୍ରୀଡ଼ାର କାର୍ଯ୍ୟକାରିଣୀ ବୋର୍ଡ଼ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ, କେନ୍ଦ୍ର ସରକାର, ଗୁଜରାଟ ସରକାର ଏବଂ ଭାରତର ରାଜ୍ୟଗୋଷ୍ଠୀ କ୍ରୀଡ଼ାସଂଘ ପକ୍ଷରୁ ମିଳିତ ଭାବେ ଏ ସମ୍ପର୍କିତ ପ୍ରସ୍ତାବ ଦିଆଯାଇଥିଲା । ଚଳିତ ବର୍ଷ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଅଭିଯାନର ଶତବାର୍ଷିକୀ ପାଳନ ଆୟୋଜନ ଭାରତ ଲାଗି ଏକ ଐତିହାସିକ ମୁହୂର୍ତ୍ତ ହେବ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହି ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ କରାଯାଉଥିବା ‘ଖେଲୋ ଇଣ୍ଡିଆ’ ଭଳି ପଦକ୍ଷେପ ସମେତ ନିରନ୍ତର ପ୍ରୟାସର ଏହା ପ୍ରତିଫଳନ । ଦେଶରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି

କରିବା ସହିତ କ୍ରୀଡ଼ାବିତ୍‌ମାନଙ୍କୁ ସେହି ସ୍ତରରେ ପ୍ରତିଯୋଗିତା କରିବାର ଦକ୍ଷତା ବୃଦ୍ଧି ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ଶ୍ରୀ ଶାହା କହିଛନ୍ତି ।

କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭିୟ କହିଛନ୍ତି, ଅହମ୍ମଦାବାଦଠାରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗତା ଆୟୋଜନ ପ୍ରତ୍ୟେକ ଭାରତୀୟଙ୍କପାଇଁ ଏକ ଗର୍ବର ମୁହୂର୍ତ୍ତ ହେବ । କ୍ରୀଡ଼ାକ୍ଷେତ୍ରରେ ଭାରତର କ୍ରମବର୍ଦ୍ଧିଷ୍ଣୁ ନେତୃତ୍ୱ ଏହାଦ୍ୱାରା ପ୍ରତୀୟମାନ ହେଉଛି । କ୍ରୀଡ଼ା ଜନସାଧାରଣଙ୍କୁ ଏକତ୍ରିତ କରିବା ସହ ଏକ ସମାବେଶୀ ସମାଜ ପ୍ରତିଷ୍ଠା ସହିତ ପ୍ରେରଣାର ଉତ୍ସ ହୋଇପାରିବ ବୋଲି ଶ୍ରୀ ମାଣ୍ଡଭିୟ କହିଛନ୍ତି ।

ଭାରତର ରାଜ୍ୟଗୋଷ୍ଠୀ କ୍ରୀଡ଼ାସଂଘର ସଭାପତି ପି.ଟି. ଉଷା ନିଜ ପ୍ରତିକ୍ରିୟାରେ ୨୦୩୦ର ଏହି ପ୍ରତିଯୋଗିତାକୁ ନବସୃଜନତା, ସମାବେଶୀ ଏବଂ ନିରନ୍ତରତା ଉପରେ ଆଧାରିତ ଭବିଷ୍ୟତର କ୍ରୀଡ଼ାଭାବେ ଅଭିହିତ କରିଛନ୍ତି ।

## ଶ୍ରୀଲଙ୍କା ପି.ଏମ୍. - ଇଣ୍ଡିଆ

ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ଡକ୍ଟର ହରିଣୀ ଆମରାସୁରୀୟା ଦୁଇଦିନିଆ ସରକାରୀ ଗସ୍ତରେ ଆସି ଆଜି ଭାରତରେ ପହଞ୍ଚିବେ । ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଡକ୍ଟର ଆମରାସୁରୀୟାଙ୍କର ଏହା ପ୍ରଥମ ଭାରତ

ଗସ୍ତ । ଏହି ଗସ୍ତ ଅବସରରେ ସେ ବିଭିନ୍ନ ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ନେଇ ଭାରତର ନେତୃବୃନ୍ଦଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଡକ୍ଟର ଆମରାସୁରୀୟା ଦିଲ୍ଲୀରେ ଏକ ଘରୋଇ ଟି.ଭି. ଚ୍ୟାନେଲ୍‌ଦ୍ୱାରା ଆୟୋଜିତ ସମ୍ମିଳନୀରେ ଉଦ୍‌ବୋଧନ ଦେବେ । ଶ୍ରୀଲଙ୍କାର ଶିକ୍ଷାବିଭାଗ ଦାୟିତ୍ୱରେ ଥିବା ଡକ୍ଟର ଆମରାସୁରୀୟା ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ନୂତନ ମାର୍ଗ  ଉନ୍ମୋଚନ ଲକ୍ଷ୍ୟ ନେଇ ଆଇ.ଆଇ.ଟି. ଦିଲ୍ଲୀ ଏବଂ ନୀତି ଆୟୋଗ କାର୍ଯ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି । ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କକୁ ମଜବୁତ କରିବା ପାଇଁ ଡକ୍ଟର ଆମରାସୁରୀୟା ଉଦ୍ୟୋଗୀ ଗୋଷ୍ଠୀଙ୍କ ଏକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ବୋଲି ମନ୍ତ୍ରଣାଳୟ କହିଛି । ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଭାରତ ମହାସାଗର ଦୃଷ୍ଟିକୋଣ ଏବଂ ପଡ଼ୋଶୀ ପ୍ରଥମ ନୀତିକୁ ଅଧିକ ମଜବୁତ କରିବ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି ।

## ଶାହା - ଏକ୍ସ୍‌ଟ୍ରାଡିସନ କନ୍‌ଫରେନ୍ସ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ପଳାତକଙ୍କର ପ୍ରତ୍ୟର୍ପଣ ସମ୍ପର୍କିତ ଆହ୍ୱାନ ଏବଂ ରଣନୀତି ଉପରେ ଆୟୋଜିତ ହେବାକୁ ଥିବା ଏକ

ସମ୍ମିଳନୀର ଉଦ୍‌ଘାଟନ କରିବେ । କେନ୍ଦ୍ରୀୟ ତଦନ୍ତକାରୀ ବ୍ୟୁରୋ - ସି.ବି.ଆଇ. ଏହି ଦୁଇଦିନିଆ ସମ୍ମିଳନୀକୁ ଆୟୋଜନ କରିଛି । ଏହି ସମ୍ମିଳନୀରେ ଦେଶର ବିଭିନ୍ନ କେନ୍ଦ୍ରୀୟ ତଥା ରାଜ୍ୟ ପୁଲିସ୍ ସଂସ୍ଥାର ବରିଷ୍ଠ ପୁଲିସ୍ ଅଧିକାରୀମାନେ ଯୋଗଦେଇ ପଳାତକମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ପ୍ରତ୍ୟର୍ପଣ କରାଇ ଭାରତରେ ଅପରାଧିକ ବିଚାରର ସମ୍ମୁଖୀନ କରାଇବା ଲାଗି ଆନ୍ତର୍ଜାତିକ ପୁଲିସ୍ ସହଯୋଗ ଏବଂ ରଣନୀତି ଉପରେ ଆଲୋଚନା କରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି ।

## ବିହାର ପି.ଏମ୍. ନମୋ ଆପ୍

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଗତକାଲି ନମୋ ଆପ୍ ଜରିଆରେ ଦଳୀୟ ବୁଥ୍‌ସ୍ତରୀୟ କର୍ମୀଙ୍କ ସହ କଥାବାର୍ତ୍ତା କରିଛନ୍ତି । 'ମେରା ବୁଥ୍ ସବ୍‌ସେ ମଜବୁତ୍' କାର୍ଯ୍ୟକ୍ରମ ଜରିଆରେ ଆଲୋଚନା ସମୟରେ ଏନ୍.ଡି.ଏ.କୁ ଏହି ନିର୍ବାଚନରେ ଜିତାଇବା ଲାଗି ମିଳିତ ଭାବେ ପ୍ରୟାସ କରିବା ଲାଗି ଶ୍ରୀ ମୋଦି ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି ।

***Voice (PM - Mera booth)*** :........

## ବି.ଜେ.ପି. - ଥାର୍ଡ୍ ଲିଷ୍ଟ

ବିହାର ବିଧାନସଭା ନିର୍ବାଚନ ଲାଗି ବି.ଜେ.ପି. ପକ୍ଷରୁ ୧୮ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଏହି ତୃତୀୟ ପ୍ରାର୍ଥୀ ତାଲିକାରେ ନରକଟିଆଗଞ୍ଜରୁ ସଞ୍ଜୟ ପାଣ୍ଡେ, ଚନ୍‌ପାଟିଆରୁ ଉମାକାନ୍ତ ସିଂହଙ୍କୁ ଟିକେଟ୍ ମିଳିଥିବାବେଳେ ଲାଲ୍‌ବାବୁ ପ୍ରସାଦ ଗୁପ୍ତାଙ୍କୁ ଚିରାଇଆ ଏବଂ ମୁରାରୀ ପାଶ୍ୱାନ୍‌ଙ୍କୁ ପିର୍‌ପାଇଣ୍ଟିରୁ ଦଳ ପ୍ରାର୍ଥୀ କରିଛି । ଏତଦ୍‌ବ୍ୟତୀତ ବୀଣା ଦେବୀ କୋଚାଧମନ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ରାଘୋପୁରରୁ ସତୀଶ କୁମାର ଯାଦବ ଦଳୀୟ ଟିକେଟ୍‌ରେ ଲଢ଼ିବେ ବୋଲି ଜଣାପଡ଼ିଛି । ଏପର୍ଯ୍ୟନ୍ତ ଏହି ନିର୍ବାଚନ ଲାଗି ବି.ଜେ.ପି. ପକ୍ଷରୁ ୧୦୧ଟି ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ସାରିଛି ।

## ଜି.ଏସ୍.ଟି. ରିଫର୍ମସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଦ୍ରବ୍ୟ ଓ ସେବାକର ଜି.ଏସ୍.ଟି. ସଞ୍ଚୟ ଉତ୍ସବ ଗତମାସ ୨୨ ତାରିଖରୁ ଦେଶ ବ୍ୟାପି କାର୍ଯ୍ୟକାରୀ ହୋଇଛି । ସମାଜର ବିଭିନ୍ନ ବର୍ଗର ଲୋକେ ଏହାଦ୍ୱାରା ଉପକୃତ

ହେଉଛନ୍ତି । ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ଦିଲ୍ଲୀର ଅର୍ଥ ବ୍ୟବସ୍ଥାକୁ କିଭଳି ପ୍ରୋତ୍ସାହନ ମିଳିଛି, ଆସନ୍ତୁ ସେ ସମ୍ପର୍କରେ ଶୁଣିବା ।

ନୂତନ ଜି.ଏସ୍.ଟି. ସଂସ୍କାର ଦ୍ୱାରା ଦିଲ୍ଲୀର ବ୍ୟବସାୟୀ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ଛୋଟ ଉତ୍ପାଦନକାରୀ ବେଶ୍ ଉପକୃତ ହେଉଛନ୍ତି । ଅତ୍ୟାବଶ୍ୟକ ବସ୍ତୁ ଓ ସେବା ଉପରେ ଦର ହ୍ରାସ ଦ୍ୱାରା ଦୈନନ୍ଦିନ ଜୀବନଶୈଳୀ ଅଧିକ ସୁଗମ ହେବା ସହିତ ଦିଲ୍ଲୀର ବ୍ୟାବସାୟିକ ସମ୍ପ୍ରଦାୟକୁ ଏହାଦ୍ୱାରା ସୁଫଳ ମିଳୁଛି । ଅଟୋମୋବାଇଲ୍ ଏବଂ ଏହାର ଉପକରଣ ଉପରୁ ଜି.ଏସ୍.ଟି. ୨୮ରୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିବାରୁ ଦିଲ୍ଲୀର କାରୋଲବାଗ୍ ଓ କାଶ୍ମୀର ଗେଟ୍ ନିକଟରେ ଏହି କ୍ଷେତ୍ର ସହିତ ସମ୍ପୃକ୍ତ ବ୍ୟବସାୟୀମାନେ ବେଶ୍ ଲାଭ ପାଉଛନ୍ତି । ଏତଦ୍‌ବ୍ୟତୀତ ଦିଲ୍ଲୀର ପର୍ଯ୍ୟଟନ କ୍ଷେତ୍ର ଏବଂ ଆତିଥେୟତାକୁ ଏହି ନୂତନ ଜି.ଏସ୍.ଟି. ସଂସ୍କାରଦ୍ୱାରା ଲାଭ ମିଳିଛି । ହୋଟେଲ୍ ରୁମ୍ ଦର ରାତି ପିଛା ୭ ହଜାର ୫୦୦ ଟଙ୍କା ଉପରେ ଜି.ଏସ୍.ଟି. ୧୨ରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହି ସଂସ୍କାରଦ୍ୱାରା ଆଗାମୀ ପାର୍ବଣ ଋତୁରେ ଦିଲ୍ଲୀର ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିବା ସହିତ ଉପଭୋକ୍ତାମାନେ ମଧ୍ୟ ଉପକୃତ ହେଉଛନ୍ତି । ଏଥିସହିତ ଆଗାମୀ ଦିନରେ ଏକ ଦୀର୍ଘସୂତ୍ରୀ ଲାଭ ପାଇବାର ମାର୍ଗ ଉନ୍ମୋଚିତ ହେବା ସଙ୍ଗେ ସଙ୍ଗେ ନିଯୁକ୍ତି ସୁଯୋଗ ଓ ବ୍ୟବସାୟ କାରବାର କ୍ଷେତ୍ରରେ ଉନ୍ନତି ଆସିବ ।

## ଫୁଟ୍‌ବଲ୍ - ମଣିପୁର

ମଣିପୁର ୩୦ତମ ସିନିୟର ମହିଳା ଜାତୀୟ ଫୁଟ୍‌ବଲ୍ ଚାମ୍ପିୟନ୍ ହୋଇଛି । ଗତକାଲି ଛତିଶଗଡ଼ର ନାରାୟଣପୁରସ୍ଥିତ ଆର୍.କେ.ଏମ୍. ଆଶ୍ରମ ପଡ଼ିଆରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ମଣିପୁର ପଶ୍ଚିମବଙ୍ଗଙ୍କୁ ୧-୦ ଗୋଲ୍‌ରେ ପରାସ୍ତ କରି ରାଜମାତା ଜିଜାବାଈ ଟ୍ରଫି ହାସଲ କରିଛି । ଦଳ ପକ୍ଷରୁ ଲିଣ୍ଡା କୋମ୍ ସର୍ଟୋ ଖେଳର ୯୩ ମିନିଟ୍‌ରେ ଏହି ବିଜୟସୂଚକ ଗୋଲ୍‌ଟି ଦେଇଥିଲେ । ଏହି ବିଜୟ ସହିତ ମଣିପୁର ୨୩ ଥର ଲାଗି ଏହି ଟ୍ରଫି ହାସଲ କରିଛି ।

## ବ୍ୟାଡ୍‌ମିଣ୍ଟନ - ଡେନ୍‌ମାର୍କ ଓପନ୍

ଡେନ୍‌ମାର୍କ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଖେଳାଳି ସେମାନଙ୍କର ବିଜୟ ଅଭିଯାନ ଜାରି ରଖିଛନ୍ତି । ବିଶ୍ୱର ୨୧ ନମ୍ବର ମାନ୍ୟତାପ୍ରାପ୍ତ ଭାରତର ଲକ୍ଷ୍ୟ ସେନ୍ ଆୟାର୍ଲାଣ୍ଡର ନାଟ୍ ଗୁଏଁଙ୍କୁ ୧୦-୨୧, ୨୧-୮ ଓ ୨୧-୧୮ରେ  ପରାସ୍ତ କରିଛନ୍ତି । ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ଆଜି ସେ’ ଡେନ୍‌ମାର୍କର ଆଣ୍ଡର୍ସ ଆଣ୍ଟୋନ୍‌ସେନ୍’ଙ୍କୁ ଭେଟିବେ ।

ପୁରୁଷ ଡବଲ୍ସ ବର୍ଗରେ ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ି ସ୍କଟ୍ଲ୍ୟାଣ୍ଡ ଖ୍ରୀଷ୍ଟୋଫର ଗ୍ରୀମ୍ଲେ ଓ ମାଥ୍ୟୁ ଗ୍ରୀମ୍ଲେଙ୍କ ଯୋଡ଼ିକୁ ପରାସ୍ତ କରିଛନ୍ତି । ଆଜି ଅନୁଷ୍ଠିତ ହେବାକୁ ଥିବା ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ଏହି ଭାରତୀୟ ଯୋଡ଼ି ଚାଇନିଜ୍ ତାଇପେଇର ୟାଙ୍ଗ୍ ପୋ-ହାନ୍ ଓ ଲିଉ କ୍ୱାଙ୍ଗ୍-ହେଙ୍ଗ୍'ଙ୍କ ଯୋଡ଼ିକୁ ଭେଟିବେ ।

## ଆଇ.ସି.ସି. ଓ୍ୱିମେନ୍ ଓ୍ୱାଲ୍ଡ କପ୍

ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଗତକାଲି ପାକିସ୍ତାନ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଏଥିଯୋଗୁଁ ଉଭୟ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ଦିଆଯାଇଛି । ବର୍ଷା ଯୋଗୁଁ ପ୍ରଥମ ଇନିଂସ ବାଧାପ୍ରାପ୍ତ ହେବାରୁ ମ୍ୟାଚ୍‌କୁ ୩୧ ଓଭର୍‌କୁ ହ୍ରାସ କରାଯାଇଥିଲା । ଇଂଲଣ୍ଡ ୯ ଓ୍ୱିକେଟ୍‌ରେ ୧୩୩ ରନ୍ ସଂଗ୍ରହ କରିଥିଲା । ଡକ୍‌ଓ୍ୱର୍ଥ-ଲୁଇସ୍-ଷ୍ଟର୍ଣ୍ଣ - ଡି.ଏଲ୍.ଏସ୍. ଜରିଆରେ ପାକିସ୍ତାନ ସମ୍ମୁଖରେ ୧୧୩ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ପାକିସ୍ତାନ ପ୍ରଥମ ୭ ଓଭର୍‌ରେ କୌଣସି ଓ୍ୱିକେଟ୍ ନ ହରାଇ ୩୪ ରନ୍ କରିଥିଲା । ମାତ୍ର ପୁନର୍ବାର ବର୍ଷା ହେବାରୁ ଏହି ମ୍ୟାଚ୍‌କୁ ବାତିଲ୍ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ଏପର୍ଯ୍ୟନ୍ତ

ଗୋଟିଏ ହେଲେ ମ୍ୟାଚ୍ ଜିତି ନ ଥିବା ପାକିସ୍ତାନ ଦଳକୁ ଏହାଦ୍ୱାରା ଶକ୍ତ ଧକ୍କା ଲାଗିଛି ।

ଏହି ଟୁର୍ଣ୍ଣାମେଣ୍ଟରେ ଆଜି ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ବିଶାଖାପଟନମ୍‌ର ଏ.ସି.ଏ.-ଭି.ଡି.ସି.ଏ. କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବ ।

*****